ସକାଳ THE SAKALA



# ଅନନ୍ତପୁର ଥାନା ସମ୍ମୁଖରେ ବିଜେଡିର ବିକ୍ଷୋଭ

ସୋର, ୧୯।୫ (ସମିସ)



ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବିରୋଧରେ ସୋର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଅନନ୍ତପୁର ଥାନା ସମ୍ମୁଖରେ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୋର ବିଧାୟକ ମାଧବ ଧଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣ ବିକ୍ଷୋଭ ସଭାରେ ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ରାଜ୍ୟ ସମ୍ପାଦକ ଗିରିଶ ଚନ୍ଦ୍ର ଦାଶ,ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ,ବାହାନଗା ବ୍ଲକ ସଭାପତି ପ୍ରଦୀପ ଜେନା, ନଗର ସଭାପତି ସୁକାନ୍ତ ମିଶ୍ର,ନଗର କାର୍ଯ୍ୟକାରୀ ସଭାପତି ଲୋକନାଥ ରାଉତ,ବ୍ଲକ ଚେୟାରମ୍ୟାନ ଅନୁସୂୟା ମଲ୍ଲିକ, ପାରିଷଦ ସାହେବ ଖାନ କାଦ୍ରୀ, ରମେଶ ସିଂହ, ପବିତ୍ର ସେଠୀ, ପ୍ରାକ୍ତନ ପାରିଷଦ ସେକ ସୁଲତାନ, ମହିଳା ନେତ୍ରୀ ପୁଷ୍ପଲତା ଜେନା,ଅନନ୍ତପୁର ସେବା ସମବାୟ ସମିତି ସଭାପତି ସୁଚରିତା କର,ବିଶିକେଶନ ଦାଶ, ବଂଶୀଧର ପଣ୍ଡା, ଅଶ୍ୱିନୀ ମହାପାତ୍ର, ସରପଞ୍ଚ ଅଶ୍ୱିନୀ ପଟ୍ଟନାୟକ, ମହେନ୍ଦ୍ର ପାତ୍ରଙ୍କ ସମେତ ନିର୍ବାଚନ ମଣ୍ଡଳୀର ବହୁ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଉପସ୍ଥିତ ରହି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ନିର୍ବାଚନ ମଣ୍ଡଳୀର ଶତାଧିକ ମହିଳା, ଯୁବ, ଛାତ୍ର ବିଜେଡି କର୍ମୀ ଅଂଶଗ୍ରହଣ କରିଥିଲେ। ସୋର ବ୍ଲକ ବିଜେଡି ସଭାପତି ଶଙ୍କର୍ଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ନିଆରା ପ୍ରତିବାଦ

**ବାଲେଶ୍ୱର,୧୯।୫ (ସମିସ):** ନିଟ୍ ପ୍ରଶ୍ନ ପତ୍ର ଲିକ ଏବଂ କେନ୍ଦ୍ର ସରକାରଙ୍କ ଅପାରଗତାକୁ ଜନତା ଜନାର୍ଦ୍ଦନଙ୍କୁ ଜଣାଇବା ପାଇଁ 'ନିଟ ପ୍ରଶ୍ନପତ୍ର ଲିକ୍, ପିଲାଙ୍କ ଜୀବନ ସହ ଖେଳ ବନ୍ଦ କର', କେନ୍ଦ୍ର ସରକାର ହାଏହାଏ.. ଛିଛି.. ଥୁଥୁ.., ନାରାଦେଇ ଏକ ଅଭିନବ ଉପାୟରେ ପ୍ରତିବାଦ ଅନୁଷ୍ଠିତ ହେଉଛି। ଏଡିଏମ ଛକ, ଗୋପବନ୍ଧୁ ପାର୍କ, ଗୋଳାପୋଖରୀ, ପୋର୍ଟ ରୋଡ଼ ଆଜି ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଉଛି। ପ୍ରଥମ ଦିନରେ ସିନେମା ଛକରୁ ଟାଉନ ଥାନା ହୋଇ ମଣ୍ଡଳ ବଜାର ପର୍ଯ୍ୟନ୍ତ ଏ ପଦଯାତ୍ରା ହୋଇଥିଲା। ପ୍ରତିବାଦର ଦ୍ୱିତୀୟ ଦିନରେ ସିନେମା ଛକରୁ ଟାଉନ ଥାନା ହୋଇ ମଣ୍ଡଳ ବଜାରରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ପ୍ରତିବାଦରେ ରଘୁନାଥ ଲେଙ୍କାଙ୍କ ସମେତ ନରେନ୍ଦ୍ର ବାରିକ, ଇକବଲ ଖାଁ, ବୁଲା ବିଶ୍ୱାଳ, ଆଜି ଯଦୁନାଥ ସେଠୀ, ରିଜୁ ଖାଁ, ବୁଲା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପ୍ରତିବାଦ ମାସେ କାଳ ଚାଲିବ। ନିଟ ପ୍ରଶ୍ନ



ପତ୍ର ଲିକ" କେନ୍ଦ୍ରସରକାରଙ୍କ ଅପାରଗତାକୁ ଜନତା ଜନାର୍ଦ୍ଦନଙ୍କୁ ଜଣାଇବା ପାଇଁ ଏ ଉଦ୍ୟମ। ଏହା ଆଉ ଥରେ ନିଟ ପରୀକ୍ଷା ହେବା ପର୍ଯ୍ୟନ୍ତ ଚାଲୁ ରହିବ। ଦଳମତ ନିର୍ବିଶେଷରେ ଇଚ୍ଛୁକ ଶୁଭେଚ୍ଛୁଙ୍କୁ ପ୍ରତିବାଦରେ ଯୋଡିହେବାକୁ ନିବେଦନ କରାଯାଇଛି।

## ରାଜ୍ୟ ରାଜପଥ କାର୍ଯ୍ୟରେ ମୁଖ୍ୟ ସମସ୍ୟା ପ୍ରତି ଦୃଷ୍ଟି ଦାବି

**ନୀଳଗିରି, ୧୯।୫ (ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଦେଇ ଯାଇ ଥିବା ଶେରଗଡ଼ ନୀଳଗିରି ଝରଣଘାଟୀ (ଏସଏନଜେ) ୧୯ନଂ ରାଜ୍ୟ ରାଜପଥଟି ଚାରିଥାକିଆ ରାସ୍ତା ୦କିମି ଶେରଗଡ ରୁ ଆରମ୍ଭ ହୋଇ ନୀଳଗିରି ବସ ଷ୍ଟାଣ୍ଡ ପାଖକୁ ହେବା ଜରୁରୀ, କିନ୍ତୁ ଏହି ରାସ୍ତା ଶେରଗଡ଼ ଠାରୁ ଆସୁଥିବା ୪ ଥାକିଆ ରାସ୍ତା ଆରମ୍ଭହୋଇ ଏସ୍. ଆର୍. ନାରାୟଣ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ କରାଯାଇଛି। ଏହି ରାସ୍ତା ନୀଳଗିରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ୪ ଥାକିଆ ହେବା ଜରୁରୀ। କାରଣ ବିଗତ ୧୦ ବର୍ଷ ମଧ୍ୟରେ ଉକ୍ତ ରାସ୍ତାରେ ପ୍ରାୟ ୨୦୦ ରୁ ଉର୍ଦ୍ଧ ପ୍ରାଣୀଙ୍କ ଜୀବନ ହାନୀ ହୋଇଛି। ଉକ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ଅର୍ଥ ମଞ୍ଜୁର କରାଯାଇଥିବା ବେଳେ ବାଲେଶ୍ୱର ପୂର୍ତ୍ତ ବିଭାଗ-୧ ପକ୍ଷରୁ ଉକ୍ତ କାର୍ଯ୍ୟକୁ ସମାପନ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ଦୈନିକ ଉକ୍ତ ରାସ୍ତାରେ ପଥଚାରୀ, ଯାତ୍ରୀବାହୀ ବସ ଓ ସ୍କୁଲ ବସ ଏବଂ ସହ ସହ ଭାରୀ ଯାନ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି।



ରାଜ୍ୟ ରାଜପଥଟି ଚାରିଥାକିଆ ରାସ୍ତା ଶେରଗଡ ରୁ ଆରମ୍ଭ ହୋଇ ନୀଳଗିରି ବସ୍‌ଷ୍ଟାଣ୍ଡ ପାଖକୁ ପହଞ୍ଚି ନଥିବାରୁ ରାସ୍ତାଟି ଅସୁରକ୍ଷିତ ମରଣଯନ୍ତା ପାଲଟିଛି। ଏହା ସହ ଶେରଗଡ଼ ଠାରୁ ଏସ.ଆର. ପେଟ୍ରୋଲ ପମ୍ପ ବସଷ୍ଟାଣ୍ଡ ଠାରୁ ସିମୁଳିଆ ଛକ ପର୍ଯ୍ୟନ୍ତ ୨ ପାଖରେ ଡ୍ରେନେଜ୍ ର ସୁବିଧା କରାଯାଇ ଥିବା ବେଳେ ଅବଶିଷ୍ଟ ୪୦୦ ମିଟର ରାସ୍ତା ୨ କଡ଼ରେ ଡ୍ରେନ୍ କରା ନଯିବାରୁ ଚାଷୀଙ୍କ କ୍ଷେତ୍ରରେ ବହୁ ଅସୁବିଧା ଉପୁଜୁ ଅଛି। ପୂର୍ତ୍ତ ବିଭାଗ ଅନାବଶ୍ୟକ ସ୍ଥାନମାନଙ୍କ ରେ ଗାଡର୍‌ୱାଲ, ଡ୍ରେନ୍ ରାସ୍ତା ପାଇଁ ଗୁରୁତ୍ୱ ନେଉଥିବା ବେଳେ ଏଭଳି ଡେଥ୍ ଜୋନ୍ ପାଇଁ ଗୁରୁତ୍ୱ ଦିଆଯାଇ ନାହିଁ। ଏଣୁ ପୂର୍ତ୍ତ ବିଭାଗ ଏଥି ପ୍ରତି ଦୃଷ୍ଟି ନେଇ ଆବଶ୍ୟକ ଅର୍ଥ ଅବା ବଳକା ଅର୍ଥକୁ ବିନିଯୋଗ କରି ଜନସାଧାରଣ ହିତ ଏବଂ କୃଷକ ମାନଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁ। ବିଭାଗ ଏହି ସବୁ ସମସ୍ୟା ପ୍ରତି ଦୃଷ୍ଟି ନହେବା ସମ୍ପର୍କରେ ନୀଳଗିରି କାହାଳିଆ ର ବାସିନ୍ଦା ସମାଜସେବି ପ୍ରଫୁଲ୍ଲ ମହାନ୍ତି ଉପଖଣ୍ଡ ମୁଖ୍ୟ ସହକାରୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ନୀଳଗିରିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଓଡ଼ିଶା, ପୂର୍ତ୍ତ ମନ୍ତ୍ରୀ ତଥା ୱାର୍କ ସେକ୍ରେଟେରୀଙ୍କ ସଦୟ ଅବଗତି ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି।

## ପରିବହନ ଓ ପୁଲିସ ବିଭାଗର ମିଳିତ ଯାନବାହନ ଯାଞ୍ଚ

**ସୋର, ୧୯।୫ (ସମିସ):** ସୋର ଥାନା କଲେଜଛକ ନିକଟରେ ଜିଲ୍ଲା ପରିବହନ ବିଭାଗ ଏବଂ ସୋର ପୁଲିସ ପକ୍ଷରୁ ଗାଡି ମୋଟର ଗୁଡିକୁ ମିଳିତ ଯାଞ୍ଚ କରାଯାଇ ଅମାନିଆ ଗାଡି ଚାଳକଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ଫାଇନ ଆଦାୟ କରାଯାଇଛି। ବାଲେଶ୍ୱର ପରିବହନ ବିଭାଗ ଅଧିକାରିଣୀ ଦେବସ୍ମିତା ନାୟକ ଓ ଦିନେଶ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସୋର ପୁଲିସ ସହାୟତାରେ କଲେଜ ଛକରେ ଦୁଇ ଚକିଆ ଏବଂ ଚାରିଚକିଆ ଗାଡିର କାଗଜପତ୍ର ସମେତ ହେଲମେଟ୍, ଡ୍ରାଇଭିଙ୍ଗ ଲାଇସେନ୍ସ, ଇନସ୍ୟୁରାନ୍ସ ସହିତ ବିଭିନ୍ନ ପ୍ରକାର ଯାଞ୍ଚ କରିଥିଲେ। ଏହି ସମୟରେ ୪୨ ଜଣଙ୍କ ନିକଟରୁ ଦୁଇ ଲକ୍ଷ ୯୨ ହଜାର ଟଙ୍କାର ଫାଇନ ଆଦାୟ କରାଯାଇଥିଲା।

## ବିପୁଳ ମଦ ଜବତ, ୧୦ ଗିରଫ



**ସୋର, ୧୯।୫ (ସମିସ):** ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ଭ୍ରାମ୍ୟମାଣ ଅବକାରୀ ବିଭାଗ ନିରୀକ୍ଷକ ହରିହର ସିଂ ଓ ନୀଳଗିରି ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଓ ବାଲେଶ୍ୱର ସଦର-୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସ, ଏ.ପି.ଆର ଫୋର୍ସ ଓ ଅବକାରୀ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ମଇତାପୁର, ଅନ୍ତରା ବଜାର, ବାଲିଖଣ୍ଡ ବଜାର, ଜାମୁଝାଡି ବଜାର ଏବଂ ସୋର ଥାନା ଅନ୍ତର୍ଗତ ବାଗୁଡ଼ି, ମହୁମୁହାଣ ଓ ଗୁଡ଼ିଖୋଲା ଗ୍ରାମରେ ଚଢ଼ାଉ କରାଯାଇ ୮୫୦ ଲିଟର ଦେଶୀ ମଦ ଓ ୧୭.୨୮୦ ଲିଟର ବିଦେଶୀ ମଦ ଓ ୫୨ ଲିଟର ବିଅର ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ମୋଟ ୧୦ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଆସାମୀ ମାନେ ହେଲେ ଅନ୍ତରା ଗ୍ରାମର କେଶବ ସାହାଣୀ ଓ ଜଗନ୍ନାଥ ପଲେଇ, ମଇତାପୁର ଗ୍ରାମର କମଳାକାନ୍ତ ଶିଅଳ ଓ ଶଙ୍କର୍ଷଣ ଶିଅଳ, ପୁରୁଷୋତ୍ତମପୁର ଗ୍ରାମର ମନୋରଞ୍ଜନ ନାୟକ, ଜାମୁଝାଡି ଗ୍ରାମର ତପନ କୁମାର ଆରୁଖ, ମହୁମୁହାଣ ଗ୍ରାମର ସୋମନାଥ ମହାନ୍ତି, ଗୁଡ଼ିଖୋଲା ଗ୍ରାମର ଟିଲୁ ଭକ୍ତ, ବାଗୁଡ଼ି ଗ୍ରାମର ଗଙ୍ଗା ସିଂ ଓ ଆଦିକନ୍ଦ ସାହୁ କ୍ଷ ଜବତ ଦେଶୀ, ବିଦେଶୀ ମଦ ଓ ବିଅରର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା, କ୍ଷୀରୋଦ ସାହୁ ଓ ଲମ୍ବୋଦର ମହନ୍ତ, କନେଷ୍ଟବଳ ଦେବାଶିଷ ମଲ୍ଲିକ, ସେକ କରିମ, ସୁବୀରକାନ୍ତ ବେହେରା, ପଙ୍କଜ ମହାନ୍ତି, ମିନତୀ ପରିଡ଼ା, ନେହା ମୁର୍ମୁ ପ୍ରଭୃତି ଷ୍ଟାଫ୍ ସାମିଲ ଥିଲେ। ଏନେଇ ଭ୍ରାମ୍ୟମାଣ ସ୍କ୍ୱାର୍ଡ, ଖଇରା ଓ ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ମୋଟ ୧୦ ଗୋଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି।

## ଏକଦିବସୀୟ ରାତ୍ରିକାଳୀନ କ୍ରିକେଟ୍; କେଶରୀପୁର ଟିମ୍ ଚାମ୍ପିଅନ

**ନୀଳଗିରି, ୧୯।୫ (ସମିସ):** ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆପାଟଣା ଗ୍ରାମରେ ଏକଦିବସୀୟ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଜୁରିଆପାଟଣା, କଣ୍ଠିଆଟିକର, କେଶରୀପୁର, ରାଉଳଖୁଣ୍ଟା, କଳାକାଦ, ଦାଶରଥିପୁର, ବଳିଆ ୧୧, ଦ୍ୱାରିକା ପ୍ରମୁଖ ୮ ଗୋଟି ଦଳ ଖେଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ଟିମ୍‌କୁ ହରାଇ ଫାଇନାଲ ରେ କେଶରୀ ପୁର ଏବଂ ଦାଶରଥିପୁର ଫାଇନାଲ କୁ ଆସିଥିଲା। ପ୍ରଥମେ ଟସ୍ ଜିତି ଦାଶରଥି ପୁର ନିର୍ଦ୍ଧାରିତ ୮ ଓଭରରେ ୫୫ ରନ କରିଥିଲା। ରନ୍‌କୁ ପିଛା କରି କେଶରୀପୁର ୭ଓଭର ରେ ୫୬ ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା। ଉକ୍ତ ରାତ୍ରି କାଳୀନ ମ୍ୟାଚ୍ ରେ, ତପନ ମେଡୀସ, ଶୁକାନ୍ତ, ଆକାଶ, ବିଶୁ, ପପୁ, ନିହାର, ଜିତୁ, ମହେଶ, ଜଗା, ବଳିଆ, ସନ୍ଦୀପ, ଶନି ଗୌରା, ବାପି କେପ୍ଟେନ୍, ବବୁଲ, ସନ୍ତୁ,ମୁକେଶ, ବିରେନ୍ଦ୍ରଦାଶ,ଲୋକନାଥ ସ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାଲେଶ୍ୱରରେ ବର୍ଷା ପରେ ତାତି କମିଲା

**ବାଲେଶ୍ୱର,୧୯।୫ (ସମିସ):** ଭାରତୀୟ ପାଣିପାଗ ବିଭାଗର ସନ୍ଧ୍ୟା ବୁଲେଟିନ୍ ଅନୁସାରେ ବାଲେଶ୍ୱରରେ ଗତ ୨୪ ଘଣ୍ଟା ମଧ୍ୟରେ ୧୧ ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁଁ ଦିନର ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ବାଲେଶ୍ୱରରେ ଆଜି ସର୍ବାଧିକ ତାପମାତ୍ରା ୩୬.୫ ଡିଗ୍ରୀ ସେଲସିୟସ୍ ଓ ସର୍ବନିମ୍ନ ତାପମାତ୍ରା ୨୨.୪ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ସକାଳ ୮.୩୦ ରେ ଆପେକ୍ଷିକ ଆର୍ଦ୍ରତା ୮୭ ପ୍ରତିଶତ ଥିବାବେଳେ ସନ୍ଧ୍ୟା ୫.୩୦ ରେ ୭୩ ପ୍ରତିଶତ ଥିଲା। ସକାଳ ୮.୩୦ ରୁ ସନ୍ଧ୍ୟା ୫.୩୦ ମଧ୍ୟରେ କୌଣସି ବର୍ଷା ହୋଇନାହିଁ। ହେଲେ ମଙ୍ଗଳବାର ସନ୍ଧ୍ୟା ପରେ ଆରମ୍ଭ ହୋଇଥିଲା ବର୍ଷା, ପବନ ଓ ଘଡ଼ଘଡ଼ି। କାଳବୈଶାଖୀ ବର୍ଷା ଯୋଗୁଁ ବିଜୁଳି ସହ ଜୋର ରେ ପବନ ବି ବୋହିଥିଲା। ରାଜ୍ୟରେ ଆଜି ସର୍ବାଧିକ ତାପମାତ୍ରା ଝାରସୁଗୁଡାରେ ୪୪.୮ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ବାଲେଶ୍ୱର ଉପକୂଳ ଜିଲ୍ଲା ହୋଇଥିବାରୁ ତାପମାତ୍ରା ଅପେକ୍ଷାକୃତ କମ୍ ରହିଛି। ବାଲେଶ୍ୱରରେ ଦିନବେଳେ ତାତି ଅଧିକ ଥିବାବେଳେ ଲଗାତାର ଦୁଇ ଦିନ ହେବ କାଳବୈଶାଖୀ ବର୍ଷା ଜାରି ରହିଛି। ସେହିପରି ପାରାଦୀପରେ ୩୪.୦ ଓ ପୁରୀରେ ୩୫.୪ ଡିଗ୍ରୀ ରେକର୍ଡ ହୋଇଛି।

## ୨ ମହାବିଦ୍ୟାଳୟ ପାଇଁ ୨ କୋଟି ୨୯ ଲକ୍ଷ ଅନୁଦାନ ମଞ୍ଜୁର

**ବାଲେଶ୍ୱର, ୧୯।୫ (ସମିସ) :** ବାଲେଶ୍ୱର ଜିଲ୍ଲା ସୋର ନିର୍ବାଚନ ମଣ୍ଡଳୀର ୨ଟି ମହାବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ବିଭାଗ ବିକାଶ ଦିଗରେ ପଦକ୍ଷେପ ନେଇଛି। ଦୀର୍ଘଦିନ ଧରି ମହାବିଦ୍ୟାଳୟରେ ଶ୍ରେଣୀ କୋଠରୀ ସହ ଶୌଚାଳୟର ସମସ୍ୟାରେ ଜର୍ଜରିତ ଥିବା ସୋର ନିର୍ବାଚନ ମଣ୍ଡଳୀର ଦୁଇଟି ପ୍ରମୁଖ ମହାବିଦ୍ୟାଳୟ ଗୋପାଳପୁର ଡିଗ୍ରୀ କଲେଜ ଏବଂ ସୋର ଉପେନ୍ଦ୍ରନାଥ ଡିଗ୍ରୀ କଲେଜ ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ୨ କୋଟି ୨୯ ଲକ୍ଷରୁ ଅଧିକ ଟଙ୍କାର କୋଠା ନିର୍ମାଣ ସହ ଉନ୍ନୟନ ଅନୁଦାନ ମଞ୍ଜୁର କରାଯାଇଛି। ସୋର ବିଧାୟକ ମାଧବ ଧଡ଼ା ବହୁବାର ଏହି ୨ ମହାବିଦ୍ୟାଳୟର ସମସ୍ୟା ନେଇ ବିଭାଗ ନିକଟରେ ସୁପାରିସ ଓ ନିରନ୍ତର ଦାବୀ ପରେ ଉଚ୍ଚ ଶିକ୍ଷା ବିଭାଗ ଏହି ଅନୁଦାନକୁ ଅନୁମୋଦନ କରିଥିବା ଜଣାପଡ଼ିଛି। ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ସଚିବ ଡ଼ଃ ସୁଜାତା ସୁଭଦର୍ଶିନୀ ନାୟକ ଗୋପାଳପୁର ଡିଗ୍ରୀ କଲେଜ ପାଇଁ ୧ କୋଟି ୩୭ ଲକ୍ଷ ୨୦ ହଜାର ଟଙ୍କାର ଉନ୍ନୟନ ଅନୁଦାନ ମଞ୍ଜୁର ହୋଇଥିବା ନେଇ ସୁପାରିସ କରିଥିବା ବିଧାୟକ ଶ୍ରୀ ଧଡ଼ାଙ୍କୁ ଜଣାଇଛନ୍ତି। ଏହି ଅର୍ଥରେ କଲେଜରେ ୫ଟି ନୂତନ ଶ୍ରେଣୀଗୃହ ନିର୍ମାଣ ସହ ଛାତ୍ରୀମାନଙ୍କ ପାଇଁ ଅଲଗା ଶୌଚାଳୟ ଓ ମହିଳା ଅଧ୍ୟାପିକାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ କରାଯିବ। ବର୍ଷବର୍ଷ ଧରି ଏହି କଲେଜରେ ଶ୍ରେଣୀଗୃହ ଅଭାବ ଏବଂ ମୌଳିକ ସୁବିଧା ନଥିବାରୁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଅନୁଦାନ ପରେ କଲେଜର ଚିତ୍ର ବଦଳିବ ବୋଲି ଆଶା କରାଯାଉଛି। ସେହିପରି ସୋରର ଉପେନ୍ଦ୍ରନାଥ ଡିଗ୍ରୀ କଲେଜ ପାଇଁ ୨ କୋଟି ୧୫ ଲକ୍ଷ ୬୮ ହଜାର ୫୯୨ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ଅନ୍ତର୍ଗତ ୪ଟି ନୂତନ ଶ୍ରେଣୀଗୃହ, ଛାତ୍ରୀମାନଙ୍କ ପାଇଁ ଶୌଚାଳୟ, ମଲ୍ଟି ପର୍ପୋଜ ହଲ୍, ଗାର୍ଲସ କମନ ରୁମ୍, ମହିଳା ଅଧ୍ୟାପିକାଙ୍କ ପାଇଁ ଅଲଗା ଶୌଚାଳୟ ସହ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ କରାଯିବ। ଏହା ଫଳରେ କଲେଜରେ ପଢୁଥିବା ଶତାଧିକ ଛାତ୍ରଛାତ୍ରୀ ଆଧୁନିକ ସୁବିଧା ପାଇପାରିବେ। ବିଶେଷକରି ଛାତ୍ରୀମାନଙ୍କ ସୁବିଧା ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ଶୌଚାଳୟ, ଗାର୍ଲସ କମନ ରୁମ୍ ଭଳି ପ୍ରକଳ୍ପକୁ ପ୍ରାଥମିକତା ଦିଆଯାଇଥିବାରୁ ଏହାକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଛନ୍ତି। ଦୀର୍ଘଦିନ ଧରି ଉଭୟ କଲେଜରେ ପାଠପଢ଼ା ପାଇଁ ଆବଶ୍ୟକ ଶ୍ରେଣୀ କୋଠରୀର ଅଭାବ ଥିଲା। ଅନେକ ସମୟରେ ଶ୍ରେଣୀଗୃହ ଅଭାବରୁ ଛାତ୍ରଛାତ୍ରୀମାନେ ସମସ୍ୟା ଭୋଗୁଥିଲେ। ଛାତ୍ରୀମାନଙ୍କ ପାଇଁ ଆବଶ୍ୟକ ସ୍ୱତନ୍ତ୍ର ସୁବିଧା ନଥିବାରୁ ଅଭିଭାବକମାନେ ମଧ୍ୟ ଚିନ୍ତାରେ ଥିଲେ। ଏବେ ସରକାରଙ୍କ ଏହି ବଡ଼ ଅନୁଦାନ ମାଧ୍ୟମରେ ଶିକ୍ଷାର ମାନ ବୃଦ୍ଧି ସହ ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତମ ଓ ସୁରକ୍ଷିତ ପରିବେଶ ସୃଷ୍ଟି ହେବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ, ସୋର ବିଧାୟକ ମାଧବ ଧାଡ଼ା ଦୀର୍ଘଦିନ ଧରି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ସମସ୍ୟା ନେଇ ସରକାରଙ୍କ ନଜରକୁ ଆଣୁଥିଲେ। ତାଙ୍କର ସକ୍ରିୟ ଭୂମିକା ଓ ନିରନ୍ତର ପ୍ରୟାସ ଫଳରେ ଏହି ବଡ଼ ଅନୁଦାନ ମିଳିଥିବା ସ୍ଥାନୀୟ ଲୋକମାନେ କହୁଛନ୍ତି। ଏହି ଅନୁଦାନ ମାଧ୍ୟମରେ ସୋର ଅଞ୍ଚଳର ଉଚ୍ଚ ଶିକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ଆରମ୍ଭ ହେବ ବୋଲି ଶିକ୍ଷାବିଦ ଓ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଅନ୍ୟପଟେ ଏହି ଖବର ପ୍ରକାଶ ପରେ ଦୁଇଟି କଲେଜର ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି। ଅନେକେ ଏହାକୁ ସୋରୋ ଅଞ୍ଚଳର ଶିକ୍ଷା କ୍ଷେତ୍ର ପାଇଁ ଐତିହାସିକ ପଦକ୍ଷେପ ବୋଲି କହିବା ସହ ବିଧାୟକ ମାଧବ ଧଡ଼ାଙ୍କୁ ସବୁ ମହଲରୁ ଧନ୍ୟବାଦ ସହ ଶୁଭେଚ୍ଛାର ସୁଅ ଛୁଟିଛି।

## ତେଘରିରେ ବିଜେପିର ମିଶ୍ରଣ ପର୍ବ

**ରାଜଘାଟ, ୧୯।୫ (ସମିସ):** ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ତେଘରି ଗ୍ରାମରେ ବିଜେପିର ମିଶ୍ରଣ ପର୍ବ ମଙ୍ଗଳବାର ସନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୩୦ ପରିବାରର ୨୦୦ ରୁ ଅଧିକ ଭୋଟର ଅନ୍ୟ ଦଳରୁ ଆସି ବିଜେପିରେ ସାମିଲ ହୋଇଛନ୍ତି। ସନ୍ତୋଷପୁର ପଞ୍ଚାୟତ ସଭାପତି ବିରଞ୍ଜନ ଦାସ ମହାପାତ୍ରଙ୍କ ସଭାପତିତ୍ୱରେ ଅବଦୁଲ ଲୋକମାନ ଖାନ ଙ୍କ ବାସଭବନରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ସିଦ୍ଧେଶ୍ୱର ମଣ୍ଡଳ ସଭାପତି ଅନିଲ କୁମାର ସାହୁ, ଅନ୍ୟତମ ଅତିଥି ପାଉଁଶକୁଲି ସରପଞ୍ଚ ପ୍ରତିନିଧି ଶିଶିର କୁମାର ସେନାପତି, ଭେଲୋରା ବିଜେପି ନେତା ଜୟନ୍ତ ଭଦ୍ର ପ୍ରମୁଖ ଯୋଗ ଦେଇ ଥିଲେ।

## ଫାଣ୍ଡି ଅଧିକାରୀ ନିଯୁକ୍ତ ନ ହେଲେ ଆନ୍ଦୋଳନ ଚେତାବନୀ

**ନୀଳଗିରି,୧୯।୫ (ସମିସ):** ନୀଳଗିରି ଉପଖଣ୍ଡରେ ତିନୋଟି ଥାନା ଓ ଦୁଇଟି ଫାଣ୍ଡି ରହିଛି। ଦୁଇଟି ଫାଣ୍ଡି ମଧ୍ୟରୁ ଇଶ୍ୱରପୁର ଫାଣ୍ଡି ରେ ଦୀର୍ଘ ଦିନରୁ ଫାଣ୍ଡି ଅଫିସର ନାହାଁନ୍ତି। ଯାହାଦ୍ୱାରା ଉକ୍ତ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଚୋରି, ରାହା ଜାନି, ବଳାତ୍କାର, ଖଣିଜ ସମ୍ପଦ ଲୁଟ ଅବିରତ ଚାଲିଛି। ଲୋକ ମାନେ ଭୟରେ ଇତଃସ୍ତତଃ ହେଉଛନ୍ତି। ବାରମ୍ବାର ପ୍ରଶାସନ ଠାରେ ଦାବି କରାଯାଇଥିବାବେଳେ କୌଣସି ସୁଫଳ ମିଳିନାହିଁ। ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନେଇ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ନୀଳଗିରି ଆଂଚଳିକ କମିଟି ପକ୍ଷରୁ ଇଶ୍ୱରପୁର ଫାଣ୍ଡି ଅଫିସର ଯଥା ଶୀଘ୍ର ନିଯୁକ୍ତି ପାଇଁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ନୀଳଗିରିଙ୍କୁ ଦାବିପତ୍ର ଦିଆଯାଇଛି। ଯଦି ସାତ ଦିନ ଭିତରେ ନୂତନ ଭାବେ ଫାଣ୍ଡି ଅଫିସର ନିଯୁକ୍ତି ନ ହୁଏ ଦଳ ପକ୍ଷରୁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ନୀଳଗିରିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ କରାଯିବ ବୋଲି ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ନୀଳଗିରିଙ୍କୁ ଲିଖିତ ଭାବେ ଜଣାଇ ଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଯୁବନେତା ଗଙ୍ଗାଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଭାସୀରେ ଖଇରା କୋର୍ଟ ଉଦ୍‌ଘାଟନ କଲେ ମୁଖ୍ୟ ବିଚାରପତି



**ଖଇରା,୧୯।୫ (ସମିସ):** ଦୀର୍ଘ ୫ବର୍ଷର ନିରାଶା ପରେ ମଙ୍ଗଳବାର ଖଇରାବାସୀଙ୍କ ମୁହଁରେ ଆଶାର କିରଣ ଉଜ୍ଜୀବିତ ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ଅନ୍ୟତମ ବିଚାରପତି ବିଭୁ ପ୍ରସାଦ ରାଉତରାୟ ଆଭାସୀ ମାଧ୍ୟମରେ କୋର୍ଟ ଉଦଘାଟନକୁ ଖଇରାବାସୀ ଉଚ୍ଛ୍ୱସିତ ସ୍ୱାଗତ କରିଛନ୍ତି। ଗ୍ରାମାଞ୍ଚଳର ଏହି କୋର୍ଟ ମାଧ୍ୟମରେ ସାଧାରଣ ଲୋକଙ୍କ ସ୍ୱାର୍ଥ ସାଧନ ହେବା ସହ ସେମାନଙ୍କୁ ନ୍ୟାୟ ମିଳିପାରିବ ବୋଲି ମୁଖ୍ୟବିଚାରପତି ପ୍ରକାଶ କରିଥିଲେ। ଜିଲା ବିଚାରପତି ସତ୍ୟନାରାୟଣ ମିଶ୍ର କୋର୍ଟ ଉଦଘାଟନୀ ଫଳକ ଉନ୍ମୋଚନ କରିଥିଲେ। ରେଜିଷ୍ଟ୍ରାର ଶିତିକଣ୍ଠ ପଣ୍ଡା, ମୁଖ୍ୟ ପ୍ରଶାସନିକ ଅଧିକାରୀ ମଳୟ କୁମାର ରାଉତ, କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ର, ଖଇରା କୋର୍ଟରେ ନିଯୁକ୍ତ ବିଚାରପତି ଶୁଭଶ୍ରୀ ସୌମ୍ୟକାନ୍ତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଖଇରା ଓକିଲ ସଂଘର ଆବାହକ ନିରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବିଧାୟକ ପଦ୍ମଲୋଚନ ପଣ୍ଡା, ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ନାରାୟଣ ସାହୁ, ତହସିଲଦାର ଅନୁପ କୁମାର ବେହେରା, ଆଇଆଇସି ଜନ ପଟ୍ଟନାୟକ ତଥା ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ସରକାରୀ ଓକିଲ ଲମ୍ବୋଦର ନାୟକ, ଗୋପାଳ ରାୟ ମହାପାତ୍ର, ପ୍ରହ୍ଲାଦ ପତି, ଯୁଧିଷ୍ଠିର ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ। କୋର୍ଟ ପ୍ରତିଷ୍ଠା ପାଇଁ ଅହରହ ଦାବି କରିଆସୁଥିବା ସଙ୍ଗଠନ ବରିଷ୍ଠ ନାଗରିକ ମଞ୍ଚ, ଜନଜାଗରଣ ମଞ୍ଚ, ପ୍ରତିଭା ପରିବାର, ଆଞ୍ଚଳିକ ବ୍ରାହ୍ମଣ ସମିତି ପକ୍ଷରୁ ଜିଲା ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ୨୦୨୧ ମସିହାରେ ଖଇରାରେ କୋର୍ଟ ଖୋଲିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ଦୁର୍ବିସହ ଜୀବନ ଜିଉଁଛନ୍ତି ଯାତ୍ରା ନୃତ୍ୟଶିଳ୍ପୀ ବାସନ୍ତୀ

ବାଲେଶ୍ୱର,୧୯।୫ (ସମିସ)



ଦିନେ ଯାତ୍ରା ମଞ୍ଚରେ ନିଜ ନୃତ୍ୟରେ ଦର୍ଶକଙ୍କୁ ବିମୋହିତ କରୁଥିବା କଳାକାର ଆଜି ଏକ ଭଙ୍ଗା ଚାଳ ଘରେ ପରିଚୟ ହରାଇ ଦୁର୍ବିସହ ଜୀବନ ବିତାଉଛନ୍ତି। ଯାତ୍ରା ମଞ୍ଚରୁ ଭଙ୍ଗା ଚାଳ ଘର ପର୍ଯ୍ୟନ୍ତ ଦୁଃଖଦ କାହାଣୀ ସମସ୍ତଙ୍କ ଆଖିରେ ଲୁହ ଆଣିଦେବ। ସେ ହେଉଛନ୍ତି ରେମୁଣା ବ୍ଲକ ନିଜାମପୁର ପଞ୍ଚାୟତ ଦୁମୁଦା ଗାଁରେ ରହୁଥିବା ବାସନ୍ତୀ ସେଠୀ। ବୟସ ପାଖାପାଖି ୪୦ରୁ ଅଧିକ ହେବ। ବାସନ୍ତୀଙ୍କ ପରିଚୟ ସମୟ ଗଡିବା ସହ ଏହି ଭଙ୍ଗା ଘରେ ହଜିବାକୁ ବସିଛି। ନିଜ ମାଆଙ୍କ ସହ ଏକ ଦୁର୍ବିସହ ଜୀବନ ବିତାଉଛନ୍ତି ବାସନ୍ତୀ। ପ୍ରାୟ ୧୦ ବର୍ଷ ବୟସରୁ ବାସନ୍ତୀ ଯାତ୍ରାରେ ନୃତ୍ୟ କରିବା ଆରମ୍ଭ କରିଥିଲେ। ଦୀର୍ଘ ବର୍ଷ ଧରି ବିଭିନ୍ନ ଯାତ୍ରା ଦଳରେ ନୃତ୍ୟଶିଳ୍ପୀ ଭାବେ କାମ କରି ଲୋକପ୍ରିୟତା ହାସଲ କରିଥିଲେ। ହେଲେ ବୟସ ବଢିବା ପରେ ଯାତ୍ରାରେ ଆଉ ସୁଯୋଗ ମିଳିଲା ନାହିଁ। ବିବାହ ମଧ୍ୟ ବିଫଳ ହେବାରୁ ସେ ନିଜ ମାଆ ପାଖକୁ ଫେରି ଆସିଥିଲେ। ୮ ବର୍ଷ ହେଲା ଚାଳ ଘରେ ଜୀବନ ବିତୁଛି। ଗତ ୮ ବର୍ଷରୁ ଅଧିକ ସମୟ ହେବ ବାସନ୍ତୀ ନିଜ ଶଯ୍ୟାଶାୟୀ ମାଆ ସହ ଏକ ଛୋଟିଆ ଭଙ୍ଗା ଚାଳ ଘରେ ରହୁଛନ୍ତି। ବର୍ଷା ହେଲେ ଘରେ ପାଣି ଗଳେ, ଖରା ହେଲେ ଟାଣ ଖରା ପଶେ। ବାପା ଓ ଭାଇ ନଥିବାରୁ ଘରେ ରୋଜଗାରିଆ କେହି ନାହାନ୍ତି। କେବଳ ଭତ୍ତା ଓ ଚାଉଳରେ ଚଳୁଛି ପରିବାର। ବାସନ୍ତୀଙ୍କ ମାଆଙ୍କୁ ମିଳୁଥିବା ମାସିକ ଭତ୍ତା ଓ ସରକାରୀ ଚାଉଳରେ ଏବେ ମାଆ-ଝିଅ କଷ୍ଟେମଷ୍ଟେ ଚଳୁଛନ୍ତି। ଔଷଧ କିଣିବାକୁ ବି ପଇସା ନାହିଁ। ଏକ ପକ୍କା ଘର ଖଣ୍ଡେ ପାଇଁ ସେ ପଞ୍ଚାୟତଠାରୁ ଆରମ୍ଭ କରି ଅନେକ ଲୋକଙ୍କୁ ନେହୁରା ହୋଇସାରିଲେଣି, ହେଲେ ଆଶ୍ୱାସନ ଛଡା କିଛି ମିଳିନାହିଁ। ବାସନ୍ତୀ କାନ୍ଦି କାନ୍ଦି କହନ୍ତି, ଦିନେ ମଞ୍ଚରେ ନାଚି ଲୋକଙ୍କ ମନୋରଞ୍ଜନ କରୁଥିଲି। ଆଜି ମୁଣ୍ଡ ଗୁଞ୍ଜିବାକୁ ଛାତ ଖଣ୍ଡେ ନାହିଁ। ମାଆ ବିଛଣାରେ ପଡିଛି, ମୁଁ ଏକା। ସରକାର ଯଦି ଘର ଖଣ୍ଡେ ଦେଇଦିଅନ୍ତେ, ଶେଷ ଜୀବନଟା ଶାନ୍ତିରେ କାଟନ୍ତୁ।

